ପ୍ରେସ୍‌ନୋଟ୍

## ଛୁଟି ଦିନମାନଙ୍କରେ ପାଠ୍ୟକ୍ରମର ପ୍ରସ୍ତୁତି କାର୍ଯ୍ୟକ୍ରମ ।

ଅନୁଗୋଳ :- ତା.୨୯.୦୪: ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ବିଦ୍ୟାଳୟଗୁଡିକ ଛାତ୍ର ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଆଗୁଆ ଭାବେ ଛୁଟି ଘୋଷଣା କରାଯାଇଛି । ଏହି ଗ୍ରୀଷ୍ମ ଛୁଟି ସମୟରେ ପ୍ରଥମ ରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କର ପାଠପଢାରେ ଅବନତି ନ ହେବା ପାଇଁ ସରକାରଙ୍କ ତରଫରୁ ପାଠ୍ୟକ୍ରମ ପ୍ରସ୍ତୁତି କାର୍ଯ୍ୟକ୍ରମ (Holiday Home Wrok Programme) ଆସନ୍ତା ମଇ ମାସ ୧ ତାରିଖ ଠାରୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ ରୁପାୟନ ନିମନ୍ତେ ଅନୁଗୋଳ ଜିଲ୍ଲା ପାଇଁ ଏକ ଟୋଲ ଫ୍ରି ନମ୍ବର ୧୮୦୦-୩୪୫-୭୫୨୧ ଯୋଗାଇ ଦିଆଯାଇଛି , ଯାହାଦ୍ୱାରା ଦୈନଦିନ କାର୍ଯ୍ୟକ୍ରମ ଗୁଡିକର ତଦାରଖ କରାଯାଇପାରିବ । ଏହି ଟୋଲ ଫ୍ରି ନମ୍ବର ମାଧ୍ୟମରେ ପ୍ରତ୍ୟେକ ଅଭିଭାବକ,ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀମାନେ ପାଠ୍ୟକ୍ରମର ପ୍ରସ୍ତୁତି ଓ ଅଗ୍ରଗତି ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ,ସମଗ୍ର ଶିକ୍ଷା ଅନୁଗୋଳଙ୍କ ସୁତ୍ରରୁ ପ୍ରକାଶ ।